# BASUDEV GODABARI DEGREE COLLEGE, KESAIBAHAL

# BLENDED LEARNING STUDY MATERIALS

## UNIT-II

**DEPARTMENT :-** ଓଡ଼ିଆ

**SUBJECT :-** ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

**SEMESTER :-** ତୃତୀୟ (ପଞ୍ଚମ ପତ୍ର)

# Paper - V

## Unit - 2   ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

ଲିପି ହେଉଛି ଭାଷାର ପ୍ରକାଶର ଏକ ଦୃଶ୍ୟାତ୍ମକ ସାଙ୍କେତିକ ରୂପ । ଭାଷାକୁ ସ୍ଥାୟୀ ରୂପ ପ୍ରଦାନ କରିବା ହେଉଛି ଲିପିର କାର୍ଯ୍ୟ । ଲିପି ମଣିଷ ସଂସ୍କୃତିରେ ନିଦର୍ଶନ ମାନଙ୍କୁ ସୃଷ୍ଟି କରାଇଛି । ସାଧାରଣ ଅର୍ଥରେ ମନୁଷ୍ୟ ମନରେ ଜାଗ୍ରତ ହେଉଥିବା ଭାବ; ଅନୁଭବ, ଚେତନା, ଇଚ୍ଛା ଓ ଆକାଂକ୍ଷା ପ୍ରଭୃତିକୁ ଭାଷା ମାଧ୍ୟମରେ ଲିଖିତ ରୂପରେ ପ୍ରକାଶ ପାଇଁ ଯେଉଁ ସଙ୍କେତର ବ୍ୟବହାର କରିଥାଉ ତାହାକୁ ଲିପି କୁହାଯାଏ ।

'ଲିପି' ର ଅଭିଧାନ ଅର୍ଥ ହେଉଛି ବର୍ଣ୍ଣ ବା ଅକ୍ଷର । ତେଣୁ ସେଥିରୁ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ବର୍ଣ୍ଣମାଳା ସୃଷ୍ଟି ହୋଇଛି । ପୁଣି ପୃଥିବୀର ପ୍ରତ୍ୟେକ ଭାଷାର ରହିଛି ନିଜସ୍ୱ ବର୍ଣ୍ଣମାଳା ବା ଲିପିମାଳା । ଏଣୁ ଦୃଷ୍ଟିରୁ ଦେଖିଲେ 'ଲିପି' ର ଯଥାର୍ଥରେ ଭାଷାକୁ ଜୀବନ୍ତ ରଖେ । ମାନବ ସଭ୍ୟତା ଓ ସଂସ୍କୃତିର ବିକାଶଧାରା ପଥରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେଥିପାଇଁ ଭାଷା ବିଜ୍ଞାନରେ ଲିପିର ଅଧ୍ୟୟନକୁ ଆଲୋଚନା ଦୃଷ୍ଟିରୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଛି ।

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀର ପୂର୍ବରୁ ସିନ୍ଧୁ ଉପତ୍ୟକାର ଅଧିବାସୀମାନେ ଯେଉଁ ଲିପି ବ୍ୟବହାର କରୁଥିଲେ ସେ ଲିପି ହେଉଛି ସୈନ୍ଧବ ଲିପି । ଚିତ୍ରାଙ୍କ

ମଧ୍ୟରେ ବ୍ରାହ୍ମୀ ଲିପି ଭାରତବର୍ଷର ଆଦିମତମ ପ୍ରାଚୀନ ଲିପି । ଏହି ଲିପିକୁ ଅଧ୍ୟୟନ କରିବା ବର୍ତ୍ତମାନ ପର୍ଯ୍ୟନ୍ତ ଆଜି ସମ୍ଭବପର ହୋଇନାହିଁ । ଆଦିମତମ ହେବାରୁ ପାଠ କରାଯାଉଥିବା ଲିପିମାନଙ୍କ ମଧ୍ୟରେ 'ବ୍ରାହ୍ମୀ ଲିପି' ହିଁ ଆଦିମତମ ପ୍ରଥମ ଲିପି । [illegible] ମତରେ ଲିଖିତ ଗ୍ରନ୍ଥମାନଙ୍କର ବ୍ୟବହୃତ ଲିପି ଥିଲା ବ୍ରାହ୍ମୀ ଲିପି । ପାଣିନିଙ୍କ ଅଷ୍ଟାଧ୍ୟାୟୀ, ପତଞ୍ଜଳିଙ୍କ 'ମହାଭାଷ୍ୟ' ଆଦିରେ ଏହି ଲିପି ବ୍ୟବହାର ହୋଇଥିଲା ।

ଭାରତୀୟମାନଙ୍କ ଦ୍ୱାରା ଉଦ୍ଭାବିତ 'ବ୍ରାହ୍ମୀ ଲିପି' ହେଉଛି ଦେବ ଲିପି । ଅର୍ଥାତ ବ୍ରହ୍ମାଙ୍କ ମୁଖରୁ (ବେଦ)ର ନିଃସୃତ ବାଣୀ ତଥା ବ୍ୟବହୃତ ଲିପି । ଏହି ପରିବେଶରେ ବିଭିନ୍ନ କାଳରେ ବର୍ତ୍ତମାନ ପର୍ଯ୍ୟନ୍ତ ଆଧୁନିକ ଆମର ଭାଷା ଗୁଡ଼ିକର ବ୍ୟବହୃତ ଲିପିର ମୂଳ ହେଉଛି ବ୍ରାହ୍ମୀ ଲିପି । ଅନ୍ୟାନ୍ୟ ଭାରତୀୟ ଲିପି ପରି ଓଡ଼ିଆ ଲିପି ମଧ୍ୟ 'ବ୍ରାହ୍ମୀ ଲିପି'ରୁ କ୍ରମ ବିକଶିତ ଧାରାରେ ଜନ୍ମଲାଭ କରିଛି ।

'ବ୍ରାହ୍ମୀ ଲିପି'ର ବିକାଶ ସ୍ତରର ବିଭାଗୀକରଣ

୧ - ପ୍ରାଚୀନ ବ୍ରାହ୍ମୀ ଲିପି
୨ - କୁଷାଣ କାଳୀନ ବ୍ରାହ୍ମୀ ଲିପି,
୩ - ଗୁପ୍ତ କାଳୀନ ବ୍ରାହ୍ମୀ ଲିପି ।
୪ - କୁଟିଳ ଲିପି,
୫ - ନାଗରୀ ଲିପି,
୬ - ପ୍ରାଚୀନ ଓଡ଼ିଆ ଲିପି,
୭ - ଆଧୁନିକ ଓଡ଼ିଆ ଲିପି ।

## ଲିପିର ପରିଚୟ

୧- ପ୍ରାଚୀନ ବ୍ରାହ୍ମୀଲିପି – ଏହାର ବ୍ୟବହାରକାଳ ଖ୍ରୀ:ପୂ ୬ଷ୍ଠ ଶତାବ୍ଦୀରୁ ଖ୍ରୀ:ପୂ ୨ୟ ଶତାବ୍ଦୀ । ଖ୍ରୀ:ପୂ ୩ୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଦ୍ୱାରା ଖୋଦିତ ଧଉଳି ଓ ଜଉଗଡ଼ର ଧର୍ମାନୁଶାସନ ଗୁଡ଼ିକରେ ବ୍ୟବହୃତ ହୋଇଥିବା ଲିପି ହେଉଛି ପ୍ରାଚୀନତମ ଓଡ଼ିଆ ଲିପି । ଏହି ଲିପି କୌଣସି ଶାସନ କାଳରେ ବ୍ୟବହୃତ ହୋଇଥିବାର ଜଣାଯାଏ । ଏହି ଲିପିରେ ଅକ୍ଷର ଗୁଡ଼ିକ ଉପରେ ଚିହ୍ନ ଯୋଗ କରିବାର ପଦ୍ଧତି ନ ଥିଲା । ପରବର୍ତ୍ତୀ କାଳରେ ଏଥିରେ ଚିହ୍ନ ବ୍ୟବହାର କରାଗଲା । ଏପରିକି ଲିପିକାରମାନେ ଅନେକ ଓ ରେଖାମାନଙ୍କୁ ବ୍ରାହ୍ମୀଲିପିକୁ ଅଙ୍କୁଶ ମୋଡ଼ କରି ଲେଖୁଥାନ୍ତୁ କ୍ରମଶଃ ଏହାର ପୂର୍ବ ରୂପରେ କେତେକ ପରିବର୍ତ୍ତନ ଆସି ଥାଏ ।

୨- କୁଟିଳ କାଳୀନ ବ୍ରାହ୍ମୀଲିପି — ଏହାର ସମୟ ଖ୍ରୀ:ପୂ ୧ମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀ । ଏହି ଲିପି ମୁଖ୍ୟତଃ କଳିଙ୍ଗ ସାମ୍ରାଜ୍ୟର ଶାସନରେ ବ୍ୟବହାର ହୋଇଥିବାର ଜଣାଯାଏ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଲିପିକୁ ଲିପି ବିଶେଷଜ୍ଞ ମାନେ କୁଟିଳାକ୍ଷର ବ୍ରାହ୍ମୀଲିପି ନାମରେ ଅଭିହିତ କରିଛନ୍ତି । ପୂର୍ବର ପ୍ରାଚୀନ ବ୍ରାହ୍ମୀଲିପିରେ ଶିରୋରେଖା ବର୍ଜିତ ଥାଇ ଏହାର ଶୋଭାବର୍ଦ୍ଧନ ଗୁଡ଼ିକ କ୍ରମଶଃ ଗୋଲ ରୂପରେ ବିଶେଷ ରୂପ ଧାରଣ କରିଥିଲା ।

୩- ଗୁପ୍ତଲିପି - ଏହାର ସମୟ ୪ର୍ଥ ଶତାବ୍ଦୀ ୬ଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ବ୍ରାହ୍ମୀଲିପିର ବିକଶିତ ରୂପ ଗୁପ୍ତଲିପି ନାମରେ ବ୍ୟବହୃତ ହେଲା । ।

ସାତଶ ବର୍ଷଧରୁ ରାଜାଙ୍କ ତାମ୍ରଶାସନ ଓ ଶିଳାଲେଖ ମିଳିଛି
ବେଳେ ଏହି ତାମ୍ରଶାସନରେ ଏହି ଲିପି ବ୍ୟବହୃତ ହୋଇଅଛି।
ଏହି ଲିପିରୁ କିଛି ଙ, ଛ, ଡ, ଥ, ଘ, ଏଥିରେ ଓ
ଆଧୁନିକ ଓଡ଼ିଆ ଲିପିରେ ~~ଅକ୍ଷରଗୁଡ଼ିକ~~ ଅଧିକ ସମାନ।

୨- କୁଟିଳ ଲିପି — ଏହାକୁ ସିଦ୍ଧମାତୃକା ଲିପି ବୋଲି ମଧ୍ୟ କୁହାଯାଏ। ଏହାର ସମୟକାଳ ଖ୍ରୀଷ୍ଟାବ୍ଦରୁ ୭୭୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ। ସିଦ୍ଧମାତୃକାର ସମୟରେ ପୂର୍ବାଞ୍ଚଳରେ ଏହି ଲିପିର ପ୍ରଚଳନ ହୋଇଥିବାର ପ୍ରମାଣ ମିଳିଥାଏ। ଏହି ଲିପିମାନଙ୍କୁ କାଳିକ ନାଗରୀ, ଅକ୍ଷୁଣ୍ଣ ନାଗରୀ, ସିଦ୍ଧମାତୃକା, କୁଟିଳ ଅଥବା ସିଦ୍ଧମାତୃକା ଲିପି କୁହାଯାଏ। ଏହି ଲିପିର ନିଦର୍ଶନ ଭୌମକର ଓ ସୋମବଂଶୀ ବଂଶର ରାଜାମାନଙ୍କର ତାମ୍ରଶାସନରେ ଦେଖିବାକୁ ମିଳେ। ଏହି ଲିପି ଅକ୍ଷରଗୁଡ଼ିକୁ କୁଟିଳ ରୂପ ଗ୍ରହଣ କରିଥିଲା।

୩- ନାଗରୀ ଲିପି — ଏହାର ସମୟ ୭୭୦ ଖ୍ରୀଷ୍ଟାବ୍ଦରୁ ୧୧୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ। ଏହି ଲିପିରେ ଉତ୍ତର ଭାରତୀୟ ଓ ଦକ୍ଷିଣ ଭାରତୀୟ ଲିପିର ସମନ୍ୱୟ ଘଟିଥିଲା। ଏହି ଲିପିର ପ୍ରମାଣ ଦେଖିବାକୁ ମିଳେ ଶୈଳୋଦ୍ଭବ, ଭଞ୍ଜ ଏବଂ ଆଉ କେତେକ ରାଜବଂଶର ରାଜାମାନଙ୍କର ତାମ୍ରଶାସନରେ। ଏହି ଲିପି ମାନଙ୍କରେ ଆଜିକି ଆଧୁନିକ ଓଡ଼ିଆ ଲିପିମାନ ଅଧିକ ସାଦୃଶ୍ୟ ଲୋକଙ୍କରେ ସମାନ ରୂପ ଧରି ରହିଥାଏ।

୪- ପ୍ରାଚୀନ ଓଡ଼ିଆ ଲିପି — ଏହାର ସମୟ ୧୧୦୦ ଖ୍ରୀଷ୍ଟାବ୍ଦରୁ ୧୫୦୦ ଖ୍ରୀଷ୍ଟାବ୍ଦ।। ଏହି ଲିପିର ନିଦର୍ଶନ ଦେଖିବାକୁ ମିଳେ ଗଙ୍ଗବଂଶ ରାଜାମାନଙ୍କର ତାମ୍ରଶାସନରେ

ମନ୍ଦିରରେ ଖୋଦିତ ଅନନ୍ତଦେବଙ୍କ ଶିଳାଲେଖ । ଆଉ ପୁରୀ ଶ୍ରୀକୂର୍ମର ମନ୍ଦିରରୁ ଚତୁର୍ଥ ନରସିଂହ ଦେବଙ୍କ ଶିଳାଲେଖ ପୁରୀ ଜଗନ୍ନାଥ ମନ୍ଦିରର ଜୟ ବିଜୟ ଦ୍ୱାରଦେଶରେ ଖୋଦିତ କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପ ରୁଦ୍ର ଦେବଙ୍କ ଲିପିକୁ ଶିଳାଲେଖ ମିଳିଥିଲେ । ଏହି ଲିପିର ସଂସ୍କୃତ ନୀତି ଆଧାରିତ ଭାଷାକୁ ଗଢ଼ାଯାଇଛି, ପରବର୍ତ୍ତୀ କାଳରେ 'ମାଦଳା ପାଞ୍ଜି' ଜଗନ୍ନାଥ ମନ୍ଦିରର ଇତିହାସ ଓ ଘଟଣାମାନଙ୍କୁ ଉଲ୍ଲେଖ କରେ । ଏହାକୁ ଲକ୍ଷ୍ୟକରି ପୋଥିଲିଖନ କାର୍ଯ୍ୟରେ ଏହି ଲିପିର ବ୍ୟବହାର ଅଧିକ ମାତ୍ରାରେ ବ୍ୟବହାର ହେଉଥିବାର ଜଣାପଡ଼େ ।

୨- ଆଧୁନିକ ଓଡ଼ିଆ ଲିପି — ଐତିହାସିକ କ୍ରମବିକାଶ ଧାରାରେ ପ୍ରାଚୀନ ଓଡ଼ିଆ ଲିପି ଏକ ନୂତନ ଆକାରରେ ବିକଶିତ ହୋଇ ଆଧୁନିକ ଓଡ଼ିଆ ଲିପିରେ ପରିଣତ ହୋଇଛି । ପ୍ରାଚୀନ ଓଡ଼ିଆ ଲିପିର ଅକ୍ଷରଗୁଡ଼ିକ ଆଧୁନିକ ଓଡ଼ିଆ ଲିପିରେ ସମ୍ପୂର୍ଣ୍ଣ ଗୋଲାକୃତି ରୂପ ଧାରଣ କରିଛି । ମୁଦ୍ରଣ ଯନ୍ତ୍ରର ଯୁଗରେ ହୋଇଛି ମୁଦ୍ରଣ ଓ ପରିବର୍ତ୍ତନ । ଲିପିର ଲିଖନ ଶୈଳୀକୁ ଏହାର ନୂତନ ରୂପ ଦେଇଥାନ୍ତି ମିଳେ । ଯଥା କୁଟିଳ ଲିପି ଓ ନୂତନ ଉପଯୋଗୀ ଲିପି ।

କୁଟିଳ ଲିପି — ଆଧୁନିକ ଓଡ଼ିଆ ଲିପିର ପ୍ରାରମ୍ଭିକ ତଥା ପ୍ରାଚୀନ ଲିପିର ରୂପ ହେଉଛି କୁଟିଳ ଲିପି । ଓଡ଼ିଆ ଲିପିର ବିକାଶ ଧାରାରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଏକ ପ୍ରାଚୀନ

ଏଣିକି । ଉପେନ୍ଦ୍ରଭଞ୍ଜଙ୍କ ପଦ୍ୟଗୁଣକୁ ଆଦର, ଓଡ଼ିଆର
ଲୋକ ଛନ୍ଦକୁ ନିଜସ୍ୱ କବିମାନଙ୍କ ଦ୍ୱାରା ସେମାନଙ୍କର
ଯାଉଛନ୍ତି, ଚଉପଦୀ, ଚିତ୍ରଣ କାରିକି, କବିତ୍ୱ ପ୍ରଚାରକମାନେ
ପ୍ରଭୃତି ଚାଲିଛନ୍ତି. ଭୁଲ ଲେଖନୀ ଗାଇଥାଏରେ
ଲେଖୁଥିଲେ । ଆଧୁନିକ ସମାଜରେ କେବଳ ବାଳିଆମାନଙ୍କର
ବୋଲି ସେମାନଙ୍କୁ ଗଣାଯାଉଥିଲା ।। ଏହିପରି
ସେମାନେ ଏକ ଜାତି ବା ସଂପ୍ରଦାୟକୁ ନେଇ ।
ସେମାନେ ଲେଖେ ଭଲ ପଦଚାରଣ ଦେଖି ଦିଲେ ।

ମୁଦ୍ରଣ ଉପନ୍ୟାସ ଯୁଗ — ଖ୍ରୀଷ୍ଟିଆନ ମିଶନରେ
ଓଡ଼ିଆ ଇଂରେଜମାନଙ୍କ ଦ୍ୱାରା ମୁଦ୍ରଣଯନ୍ତ୍ର ଆସିବାରେ
ଛାପାଖାନା ଓ ଓଡ଼ିଆ ଲିପିର ମୁଦ୍ରଣ ଆରମ୍ଭ ହେଲା ।
ଆଗକୁ ହେଲା । କାଗଜ, କାଳି ଓ ଅକ୍ଷରର ଯୁଗ ।
ଏ ଯୁଗର ଲେଖକମାନେ ହେଲେ ଉଚ୍ଚ ଶିକ୍ଷିତ ବ୍ୟକ୍ତି,
ସେମାନେ ନୂଆ ଭାବ ବିଷୟ ଗ୍ରହଣ କରି ସାହିତ୍ୟ ରଚନା
କଲେ । ମୁଦ୍ରଣଶିଳ୍ପର ଉନ୍ନତି ସହିତରେ
ପାଠ୍ୟପୁସ୍ତକ, ସମ୍ବାଦପତ୍ର ପ୍ରକାଶନ ଏବଂ ଆରମ୍ଭ
ହେଲା । ଓଡ଼ିଆ ଭାଷାର ବ୍ୟାକରଣ ଅଭିଧାନ
ପ୍ରକାଶ ହେଲା । ଏହିପରି ଆଧୁନିକ ଯୁଗରେ ।
ମୁଦ୍ରଣ ଶିଳ୍ପ, କଟକରେ ଓଡ଼ିଆ ଭାଷାର ଯୁଗରେ ଓଡ଼ିଆ
ସାହିତ୍ୟ ବିକାଶ ହିଁ ହୋଇ ଆସିବା ଦିଗରେ ଆମର
ଭାଷାଗତ ଓ ସାହିତ୍ୟ ଲାଗି ବହୁ ଗର୍ବ ବିଷୟ ।

ଓଡ଼ିଆ ଲିପିର ମୂଳଭୂତ ବୈଶିଷ୍ଟ୍ୟ -

ଓଡ଼ିଆ ଅକ୍ଷର ଗୁଡ଼ିକ ଦୁଇଟି ଶ୍ରେଣୀରେ ବିଭକ୍ତ ଅଟେ। ୧- ମୌଳିକ ବର୍ଣ୍ଣ। ୨- ଆନୁଷଙ୍ଗିକ ବର୍ଣ୍ଣ

ମୌଳିକ ବର୍ଣ୍ଣ - ସମ୍ପୂର୍ଣ୍ଣ ସ୍ୱତନ୍ତ୍ରଭାବରେ ବ୍ୟବହାର ହୁଏ ଏବଂ ଏଗୁଡ଼ିକ ନିଜସ୍ୱ ଧ୍ୱନି ବହନ କରନ୍ତି।

ଆନୁଷଙ୍ଗିକ ବର୍ଣ୍ଣ - ଏଗୁଡ଼ିକ ଉଚ୍ଚାରଣ ସହାୟକ ମୌଳିକ ବର୍ଣ୍ଣକୁ ପ୍ରଭାବିତ କରେ।

ମୂଳଭୂତ ଚିହ୍ନ ବା ଆକୃତି ଆଧାରରେ ଓଡ଼ିଆ ବର୍ଣ୍ଣମାଳା ଅନ୍ତର୍ଗତ ମୌଳିକ ବର୍ଣ୍ଣ ବା ଅକ୍ଷରଗୁଡ଼ିକୁ ୫ଭାଗରେ ବିଭକ୍ତ କରାଯାଇପାରେ।

(କ) - ଉପରିଭାଗ ଅର୍ଦ୍ଧ ବୃତ୍ତାକାର - ବର୍ଣ୍ଣ ସଂଖ୍ୟା - ୧୩
କ, ଙ, ଚ, ଛ, ଜ, ଝ, ଟ, ଡ, ଢ, ନ, ଫ, ଲ, ହ

(ଖ) ଉପରିଭାଗ ଅର୍ଦ୍ଧ ବୃତ୍ତାକାର ତଳଭାଗକୁ ଭିନ୍ନ - ବର୍ଣ୍ଣ ସଂଖ୍ୟା - ୮
ଘ, ଝ, ଇ, ଈ, ଊ, ଭ, ର, ଋ

(ଗ) ଉପରିଭାଗ ଅର୍ଦ୍ଧ ବୃତ୍ତାକାର ଓ ଧାର୍ଡ଼ି ଯୁକ୍ତ - ବର୍ଣ୍ଣ ସଂଖ୍ୟା - ୧୨
ଖ, ଗ, ଘ, ଣ, ଧ, ପ, ମ, ଯ, ଷ, ସ, ଶ, ୟ

(ଘ) ସମ୍ପୂର୍ଣ୍ଣ ଅର୍ଦ୍ଧ ବୃତ୍ତାକାର ଓ ଧାର୍ଡ଼ିଯୁକ୍ତ - ବର୍ଣ୍ଣ ସଂଖ୍ୟା - ୪
ଅ, ଆ, ଥ, ଘ

(ଙ) ମିଶ୍ରିତ ଆକାର - ବର୍ଣ୍ଣ ସଂଖ୍ୟା = ୯
ଏ, ଐ, ଓ, ଔ, ଞ, ଟ, ଢ, ଠ, ଊ

ଏହିପରି ଭାବରେ ଓଡ଼ିଆ ଲିପିମାଳାରେ ୪୬ଟି (୧୩+୮+୧୨+୪+୯) ଟି ମୌଳିକ ବର୍ଣ୍ଣ। ଏଥିରୁ ସ୍ପଷ୍ଟ

ତିନୋଟି ଯୋଗବାହ ବର୍ଣ୍ଣ (ଂ, ଃ, ଁ) ମିଳି ସମୁଦାୟ ୪୭ଟି ବର୍ଣ୍ଣ। ଓଡ଼ିଆ ବର୍ଣ୍ଣମାଳାରେ ସମୁଦାୟ ୪୭ଟି ବର୍ଣ୍ଣ ରହିଛି।

ଓଡ଼ିଆ ଲିପିର ଲକ୍ଷଣ -

୧- ଓଡ଼ିଆ ଲିପି ଗୁଡ଼ିକ ଉଚ୍ଚାରଣଗତ ଦୃଷ୍ଟିରୁ ୩ ଭାଗରେ ବିଭକ୍ତ, ଯଥା - ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ଓ ଯୋଗବାହ ବର୍ଣ୍ଣ।

୨ - ଧ୍ୱନିତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ଲିପିମାଳାରେ ୪୯ଟି ଧ୍ୱନି ରହିଛି।

୩ - ଓଡ଼ିଆ ଲିପିମାଳାରେ ମୌଳିକ ବର୍ଣ୍ଣ ବା ଅକ୍ଷରଗୁଡ଼ିକ ସାହାଯ୍ୟରେ ମିଶ୍ରଣ କାର୍ଯ୍ୟରେ ଗଠିତ ଯୁକ୍ତାକ୍ଷର ଯଥା - ବ୍ୟଞ୍ଜନ + ସ୍ୱରବର୍ଣ୍ଣ, ବ୍ୟଞ୍ଜନ + ବ୍ୟଞ୍ଜନ।

୪ - ଓଡ଼ିଆ ଲିପିମାଳାରେ ୧୦ଟି ମାତ୍ରା ଓ ୧୮ଟି ଫଳା ରହିଛି।

୫ - ଓଡ଼ିଆ ଲିପିଗୁଡ଼ିକ ବାମରୁ ଡାହାଣକୁ ଭାବରେ ଛାଡ଼ି ଦିଗ କ୍ରମରେ ଲେଖାଯାଇଥାଏ।

୬ - ଓଡ଼ିଆ ଲିପିଗୁଡ଼ିକ ଉଚ୍ଚାରଣାନୁଯାୟୀ ଆକାରିକ ଅଟନ୍ତି। ସ୍ୱରବର୍ଣ୍ଣ ସ୍ୱତନ୍ତ୍ର ଆକାରରେ ଓ ବ୍ୟଞ୍ଜନବର୍ଣ୍ଣ 'ଅ' ସ୍ୱରବର୍ଣ୍ଣ ଯୁକ୍ତ ହୋଇ ଅକ୍ଷର ରୂପ ଧାରଣ କରିଥାନ୍ତି।

ଖ୍ରୀ: ପୂ ତୃତୀୟ ଶତକରୁ ଆରମ୍ଭ ହୋଇ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଓଡ଼ିଆ ଲିପି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପରିବର୍ତ୍ତିତ ହୋଇ ଧାରାରେ ବର୍ତ୍ତମାନ ସ୍ୱରୂପ ଲାଭ କରିଛି। ଓଡ଼ିଆ ଲିପିମାଳା ବୈଜ୍ଞାନିକ, ବିଜ୍ଞାନସମ୍ମତ ଏବଂ ସାହିତ୍ୟରେ ମାନ୍ୟତାପ୍ରାପ୍ତ ଏକ ଶାସ୍ତ୍ରୀୟ ଭାଷା।

## ସଂକ୍ଷିପ୍ତ ପ୍ରଶ୍ନ

୧- ଲିପିର ଆଭିଧାନିକ ଅର୍ଥ କଣ ?

୨- ଭାରତର ଆଦିମତମ ଦୁଇଟି ପ୍ରଧାନ ଲିପିର ନାମ କଣ ?

୩- ଐତିହାସିକ କାଳ ଅନୁସାରେ ଲିପି କେଉଁ ଭାଗରେ ବିଭକ୍ତ କରାଯାଇଛି ?

୪- ଅଶୋକଙ୍କ ବୌଦ୍ଧିକ ଧର୍ମାନୁଶାସନ ଗୁଡ଼ିକରେ କେଉଁ ଲିପି ବ୍ୟବହାର ହୋଇଛି ?

୫- ଆଧୁନିକ ଓଡ଼ିଆ ଲିପିର କେତୋଟି ସଙ୍କେତ ରହିଛି ? ସେଗୁଡ଼ିକ କଣ କଣ ?

୬- କରୁଣି ଲିପି କାହାକୁ କୁହାଯାଏ ?

୭- ~~[illegible]~~ କୁଟିଳ ଲିପି କାହାକୁ କୁହାଯାଏ ?

୮- ଉତ୍ତରଭାରତୀୟ କୁଟିଳ ଓଡ଼ିଆ ଲିପି କେଉଁ ଭାଗରେ ବିଭକ୍ତ ?

୯- ଓଡ଼ିଆ ଅକ୍ଷର ଗୁଡ଼ିକ କେତୋଟି ଭାଗକୁ ବିଭକ୍ତ ଓ କଣ କଣ ?

୧୦- ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ କେଉଁ ଲିପି ବ୍ୟବହାର ହୋଇଛି ?

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧- ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ ସମ୍ପର୍କରେ ଆଲୋଚନା କର ।

୨- ବ୍ରାହ୍ମୀରୁ ଆରମ୍ଭ କରି ଓଡ଼ିଆ ଲିପି କିପରି ଆଧୁନିକ ରୂପରେ ପହଞ୍ଚିଛି, ତାର ଏକ ଐତିହାସିକ ବିବରଣୀ ପ୍ରଦାନ କର ।